ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଭାଗ, ଏ.ଏମ.ଏଫ.ୟୁ. –ସେମିଳିଗୁଡା
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ବୈଷୟିକ ଜ୍ଞାନକୌଶଳ ପ୍ରସାରଣ କେନ୍ଦ୍ର
ସେମିଳିଗୁଡା, ପି. ବି.-୧୦, ସୁନାବେଡା, କୋରାପୁଟ,ଓଡ଼ିଶା- ୭୬୩୦୦୨

ସପ୍ତାହ କ୍ର.ସଂ.- ୦୯    **ପାଣିପାଗ ଜନିତ କୃଷି ଉପଦେଶ**    ତାରିଖ –୨୭.୦୨.୨୦୨୪

**ଜିଲ୍ଲା- କୋରାପୁଟ (ଇଷ୍ଟର୍ନ ଘାଟ ହାଇ ଲ୍ୟାଣ୍ଡ ଜୋନ ଏବଂ ସାଉଥ ଇଷ୍ଟର୍ନ ଘାଟ ଜୋନ)**

| ଗତ ଚାରି ଦିନର ପାଣିପାଗ ଅବସ୍ଥା | | | | |
|---|---|---|---|---|
| ତାରିଖ | ୨୩.୦୨.୨୦୨୪ | ୨୪.୦୨.୨୦୨୪ | ୨୫.୦୨.୨୦୨୪ | ୨୬.୦୨.୨୦୨୪ |
| ବୃଷ୍ଟିପାତ (ମି.ମି.) | ୦.୦ | ୦.୦ | ୦.୦ | ୦.୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ୩୬ | ୩୩ | ୩୩ | ୩୨ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ୧୯ | ୧୫ | ୧୪ | ୧୫ |

**ଆସନ୍ତା ପାଞ୍ଚ ଦିନର (୨୮.୦୨.୨୦୨୪ ଠାରୁ ୦୩.୦୩.୨୦୨୪) ପାଣିପାଗର ପୂର୍ବାନୁମାନ**

(ଏମ.ସି., ଆଇ.ଏମ.ଡି., ଭୁବନେଶ୍ୱର ଅନୁଯାୟୀ)

ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଆକାଶ ପରିଷ୍କାର ରୁ ସାଧରଣତଃ ମେଘୁଆ ପାଗ ରହିବ ଏବଂ ଆଗାମୀ ପାଞ୍ଚ ଦିନ ମଧ୍ୟରେ ୨୮ ଫେବୃୟାରୀ ଏବଂ ୦୧ ମାର୍ଚ ଅତି ସ୍ୱଳ୍ପ ରୁ ସ୍ୱଳ୍ପ ମାତ୍ରା ରେ ବର୍ଷା ହେବାର ସମ୍ଭାବନା ଅଛି ଏବଂ ୨୯ ଫେବୃୟାରୀ ଓ ୨ ଏବଂ ୩ ମାର୍ଚ ବର୍ଷା ହେବାର ସମ୍ଭାବନା ନାହିଁ । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ସର୍ବାଧିକ ତାପମାତ୍ରା ୩୩ ରୁ ୩୪ ଡିଗ୍ରୀ ସେ. ଏବଂ ସର୍ବନିମ୍ନ ତାପମାତ୍ରା ୧୫ ରୁ ୧୬ ଡିଗ୍ରୀ ସେ. ରହିବାର ସମ୍ଭାବନା ଅଛି। ସର୍ବାଧିକ ଏବଂ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ଶତକଡ଼ା ୫୬ ରୁ ୬୩ ଭାଗ ଏବଂ ୨୨ ରୁ ୩୧ ଭାଗ ରହିବାର ସମ୍ଭାବନା ଅଛି।

| ତାରିଖ | ବୃଷ୍ଟିପାତ (ମି.ମି.) | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ମେଘାଛନ୍ନ | ସର୍ବାଧିକ ଆର୍ଦ୍ରତା (%) | ସର୍ବନିମ୍ନ ଆର୍ଦ୍ରତା (%) | ପବନର ବେଗ (କି.ମି./ଘଣ୍ଟା) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|
| ୨୮.୦୨.୨୦୨୪ | ୪ | ୩୪ | ୧୫ | ୪ | ୬୩ | ୨୮ | ୬ | ୧୬୨ |
| ୨୯.୦୨.୨୦୨୪ | ୦ | ୩୪ | ୧୫ | ୪ | ୬୧ | ୩୧ | ୫ | ୨୪୦ |
| ୦୧.୦୩.୨୦୨୪ | ୨ | ୩୩ | ୧୬ | ୬ | ୬୦ | ୨୩ | ୬ | ୧୧୨ |
| ୦୨.୦୩.୨୦୨୪ | ୦ | ୩୩ | ୧୬ | ୦ | ୫୬ | ୨୨ | ୬ | ୧୯୮ |
| ୦୩.୦୩.୨୦୨୪ | ୦ | ୩୪ | ୧୬ | ୦ | ୬୦ | ୨୩ | ୬ | ୧୮୦ |

**ପାଣିପାଗ ଭିତ୍ତିକ କୃଷି ଉପଦେଶ**

ସାଧାରଣ:

- ଖରିଫ ଫସଲର ଅବଶେଷ ଜଳାନ୍ତୁ ନାହିଁ । ଏହା ପରିବେଶ ପ୍ରଦୁଷଣ କରିବା ସହିତ ଶରୀରକୁ ମଧ୍ୟ ବହୁତ କ୍ଷତି ପହଞ୍ଚାଇ ଥାଏ ।

ଧାନ:

- ରୁଆ ଧାନ ଜମିରେ ଘାସ ଦମନ କରିବା ପାଇଁ ଏକର ପିଛା ୪ କି.ଗ୍ରା. ବେନସଲଫିଉରନ୍ ମିଥାଇଲ୍ ୦.୬% + ପ୍ରେଟିଲାକ୍ଲୋର ୬% ଜି.ଆର୍. ୪ କି.ଗ୍ରା. ବାଲି ସହିତ ମିଶାଇ ରୋଇବାର ୫ ରୁ ୮ ଦିନ ପରେ ଜମିରେ ପ୍ରୟୋଗ କରନ୍ତୁ ଏବଂ ଜମିରେ ପାଣି ବାନ୍ଧି ରଖନ୍ତୁ ।

- ତାପମାତ୍ରା ବୃଦ୍ଧି ହେତୁ କାଣ୍ଡବିନ୍ଧା ପୋକ ଲାଗିବାର ସମ୍ଭାବନା ଅଛି । ଏହି ପୋକ ଦେଖାଦେଲେ ଏକର ପ୍ରତି ୪ କି.ଗ୍ରା. ଦାନାଦାର କ୍ଲୋରାନଟ୍ରାନିଲିପ୍ରୋଲ୍ ୦.୪% କିମ୍ବା ୧୦ କି.ଗ୍ରା. କାଟ୍ରାପ ହାଇଡ୍ରୋକ୍ଲୋରାଇଡ ୪ ଜି. ବାଲି ସହିତ ମିଶାଉ ଜମିରେ ପ୍ରୟୋଗ କରନ୍ତୁ ।

ଚିନାବାଦାମ:

- ବାଦାମ ବୁନିବାର ୩ ରୁ ୪ ସପ୍ତାହର ହୋଇଗଲେ ଜମିରୁ ଘାସ ବାଛି ଦିଅନ୍ତୁ ଏବଂ ଏକର ପିଛା ୧୦୦ କି.ଗ୍ରା. ଜିପସାମ ଗଛ ମୂଳରେ ଭଲ ଭାବେ ମିଶାଇ ଜଳସେଚନ କରନ୍ତୁ ।
- ଚିନାବାଦାମ ଜମିରେ ଟୀକା ରୋଗ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କ୍ଲୋରୋଥାଲୋନୀଳ ୭୫% ଡବ୍ଲୁ.ପି. କିମ୍ବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ.ପି. ମିଶାଇ ସିଞ୍ଚନ କରନ୍ତୁ ।
- ଚିନାବାଦାମ ଫସଲରେ ଧୂଆଁ ପତ୍ର ଗୋଟିପୋକ ଦେଖାଦେବାର ସମ୍ଭାବନା ଅଛି, ନିୟନ୍ତ୍ରଣ କରିବା ପାଇଁ ପ୍ରତି ଲିଟର ପାଣିରେ ୦.୩ ମି.ଲି. ଥାୟୋମେଥୋକ୍ସାମ୍ ୧୨.୬% + ଲାମ୍ବଡା-ସାଇହଲୋଥ୍ରିନ୍ ୯.୫% ଜେଟ୍.ସି. କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦% ଇ.ସି. ମିଶାଇ ସିଞ୍ଚନ କରନ୍ତୁ ।

ସୋରିଷ/ତୋରିଆ:

- ଜମିରେ ଜଉ ପୋକ ଦେଖାଦେଇପାରେ, ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. କିମ୍ବା ୦.୨ ଗ୍ରାମ୍ ଥାୟୋମେଥୋକ୍ସାମ୍ ୨୫% ଡବ୍ଲୁ.ଜି. ମିଶାଇ ସିଞ୍ଚନ କରନ୍ତୁ ।

ମୁଗ:

- ବର୍ତ୍ତମାନ ଅବସ୍ଥାରେ ସାହେବୀ ରୋଗ ଦେଖାଦେଇପାରେ, ଏହି ରୋଗର ବାହକକୁ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୦.୩ ମି୧୭ ଇମିଡାକ୍ଲୋପ୍ରିଡ୍ .ଲି..୮.ଏଲ୍.ଏସ୍ % କିମ୍ବା ୦.୨ ଗ୍ରାମ୍ ଥାୟୋମେଥୋକ୍ସାମ୍ ୨୫% ଡବ୍ଲୁ.ଜି. ମିଶାଇ ସିଞ୍ଚନ କରନ୍ତୁ ।

ବାଇଗଣ:

- ବାଇଗଣ ଫସଲରେ କାଣ୍ଡ ଓ ଫଳ ବିନ୍ଧା ପୋକ ଦେଖାଦେଇପାରେ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୩ ମି.ଲି. ଏଜାଡିରକ୍ଟିନ୍ ୧% ଇ.ସି. କିମ୍ବା ୦.୪ ଗ୍ରାମ୍ ଏମାମେକ୍ଟିନ୍ ବେଞ୍ଜୋଏଟ୍ ୫% ଏସ୍.ଜି. ମିଶାଇ ସିଞ୍ଚନ କରନ୍ତୁ ।

ଟମାଟୋ:

- ଟମାଟୋ ଜମିରେ ଉଚ୍ଛୁର ପତ୍ର ପୋଡ଼ା ରୋଗ ଦେଖାଦେଇପାରେ, ନିୟନ୍ତ୍ରଣ କରିବା ପାଇଁ ପ୍ରତି ଲିଟର ପାଣିରେ ୧ ମି.ଲି. ଏଜୋକ୍ସିଷ୍ଟ୍ରବିନ୍ ୧୮.୨% + ଡାଇଫେନୋକୋନାଜୋଲ୍ ୧୧.୪% ଏସ୍.ସି. କିମ୍ବା ୨.୫ ଗ୍ରାମ୍ କ୍ୟାପଟନ୍ ୫୦% ଡବ୍ଲୁ.ପି. ମିଶାଇ ସିଞ୍ଚନ କରନ୍ତୁ ।
- ଟମାଟୋ ଜମିରେ ପତ୍ର ସୁଡଙ୍ଗୀ ପୋକ ନିୟନ୍ତ୍ରଣ କରିବା ପାଇଁ ପ୍ରତି ଲିଟର ପାଣିରେ ୦.୪ ଗ୍ରାମ୍ ଥାୟୋମେଥୋକ୍ସାମ୍ ୨୫% ଡବ୍ଲୁ.ଜି. ମିଶାଇ ସିଞ୍ଚନ କରନ୍ତୁ ।

ଲଙ୍କାମରିଚ:

- ଲଙ୍କା ଜମିରେ ଉକୁଣିଆ ପୋକ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୦.୩ ମି.ଲି. ଥାୟୋମେଥୋକ୍ସାମ୍ ୧୨.୬% + ଲାମଡା ସାଇହେଲୋଥ୍ରିନ୍ ୯.୪% ଜେଟ୍.ସି. କିମ୍ବା ୦.୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଲ୍. ମିଶାଇ ସିଞ୍ଚନ କରନ୍ତୁ।

ଆମ୍ବ:

- ବର୍ତ୍ତମାନ ଅବସ୍ଥାରେ ଆମ୍ବ ଡାହାଣୀ ପୋକ ଦେଖାଦେଇପାରେ, ଏହାର ନିୟନ୍ତ୍ରଣ ପାଇଁ ପ୍ରତି ୧୦ ଲିଟର ପାଣିରେ ୩ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. କିମ୍ବା ୨ ଗ୍ରାମ୍ ଥାୟୋମେଥୋକ୍ସାମ୍ ୨୫% ଡବ୍ଲୁ.ଜି. ମିଶାଇ ଆମ୍ବ ଗଛରେ ସିଞ୍ଚନ କରନ୍ତୁ ।
- ଆମ୍ବ ଫଳ ମଟର ଦାନା ଆକାରର ହୋଇଗଲେ ପ୍ରତି ୧୦ ଲିଟର ପାଣିରେ ୪.୫ ମି.ଲି. ଆଲଫା ନାପଥାଇଲ୍ ଏସିଟିକ୍ ଏସିଡ୍ ୪.୫% ଏସ୍.ଏଲ୍. ମିଶାଇ ସିଞ୍ଚନ କରନ୍ତୁ ।

ବିଶେଷ ଦ୍ରଷ୍ଟବ୍ୟ: ଆବଶ୍ୟକ ସହାୟତା ଏବଂ ସୂଚନା ପାଇଁ ନିକଟବର୍ତ୍ତୀ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଓ ରାଜ୍ୟର କୃଷି ଅଧିକାରୀ/ଉଦ୍ୟାନ କୃଷି ଅଧିକାରୀ ସହିତ ସମ୍ପର୍କ କରନ୍ତୁ।

ଡଃ.ପର୍ଶୁରାମ ଶିଅଳ
(ନୋଡାଲ୍ ଅଫିସର, ଜି.କେ.ଏମ୍.ଏସ୍.,ସେମିଳିଗୁଡା)